ନିତିଦିନ
NITIDIN

### ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଅନୁଚିନ୍ତା

# ଛାତ୍ରଛାତ୍ରୀମାନେ ରୁଚି ମୁତାବକ ପାଠ ପଢ଼ନ୍ତୁ



ସମ୍ବଲପୁର,୧୦।୬/ଏନ୍‌ଏନ୍‌ଏସ୍: ବର୍ତ୍ତମାନ ଡିଜିଟାଲ ଯୁଗ ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ପାରମ୍ପାରିକ ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବାକୁ ବାଧ କରାଯାଇପାରିବ ନାହିଁ। ଛାତ୍ରଛାତ୍ରୀମାନେ ସେମାନଙ୍କ ରୁଚି ଅନୁଯାୟୀ ପାଠ ପଢ଼ିବାର ସୁଯୋଗ ଦିଆଯାଉ। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଗ୍‌ନୋର କୁଳପତି ରବୀନ୍ଦ୍ର କୁମାର ଏପରି ମତବ୍ୟକ୍ତ କରିଛନ୍ତି। ସେ ପୁଣି କହିଥିଲେ ଯେ, ଏବେ ଡିଜିଟାଲ ଯୁଗରେ ପାଠପଢ଼ାଠାରୁ ଆରମ୍ଭ କରି ନିଯୁକ୍ତି କ୍ଷେତ୍ର ପର୍ଯ୍ୟନ୍ତ ବହୁ ସୁଯୋଗ ରହିଛି। ଶିକ୍ଷା ଗ୍ରହଣ କରିବା ପାଇଁ ସମସ୍ତଙ୍କ ନିକଟରେ ଉତ୍ସାହ ରହିଛି। ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା, ଗୁଣବତ୍ତା ଓ ସମସ୍ତଙ୍କୁ ସମାନ ଶିକ୍ଷା ଯୋଗାଇବାରେ ବିଫଳ ହୋଇଛି। ଏହି ଧାରାରେ ମୁକ୍ତ ବିଶ୍ୱବିଦ୍ୟାଳୟ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛି। ଏଠାରେ ଜଣେ ଛାତ୍ର ନିଜ ରୁଚି ଅନୁଯାୟୀ ବିଭିନ୍ନ ବିଷୟକୁ ଚୟନ କରି ପାଠ ପଢ଼ିବା ଲାଗି ସୁଯୋଗ ପାଉଛି। ଏଥିସହିତ ମୁକ୍ତ ବିଶ୍ୱବିଦ୍ୟାଳୟ ପାଠ୍ୟପୁସ୍ତକ ଡିଜିଟାଲକରଣ ହୋଇ ଇଣ୍ଟରନେଟ୍‌ରେ ଉପଲବ୍ଧ ହେଉଥିବାରୁ ଛାତ୍ରଛାତ୍ରୀଙ୍କୁ ପଢ଼ିବା ପାଇଁ ସୁବିଧା ହେଉଛି।

ଏକ ଆକଳନ ଅନୁଯାୟୀ ଇଣ୍ଟରନେଟ୍‌ରେ ମୁକ୍ତ ବିଶ୍ୱବିଦ୍ୟାଳୟର ପାଠ୍ୟ ପୁସ୍ତକ ପଢୁଥିବା ଲୋକଙ୍କ ମଧ୍ୟରେ ୩୦% ଅଣଛାତ୍ର ରହିଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ୯୫% ପାଠ୍ୟପୁସ୍ତକ ଇଣ୍ଟରନେଟ୍ ମାଧ୍ୟମରେ ଉପଲବ୍ଧ ହେବାକୁ ଯାଉଛି। ମୁକ୍ତ ବିଶ୍ୱବିଦ୍ୟାଳୟର ପାଠ୍ୟ ସାମଗ୍ରୀ ବଡ଼ ବିଶ୍ୱବିଦ୍ୟାଳୟରେ ପଢ଼ାଯାଉଛି ବୋଲି ମତବ୍ୟକ୍ତ କରିବା ସହ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଦୁଇବର୍ଷରେ ଅପୂର୍ବ ସଫଳତା ପାଇଛି ବୋଲି ମୁଖ୍ୟ ଅତିଥି ରବୀନ୍ଦ୍ର କୁମାର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ କମନ୍‌ୱେଲ୍‌ଥ ଏଜୁକେସନ୍ ମିଡିଆ ସେଣ୍ଟର୍ ଫର୍ ଏସିଆ (ସିମ୍‌କା)ର ନିର୍ଦ୍ଦେଶକ ସାହିଦ୍ ରଶୁଲ ନିଜ ବକ୍ତବ୍ୟରେ ଯୁଗୋପଯୋଗୀ ନୂଆ ଟେକ୍ନୋଲୋଜିକୁ ଗ୍ରହଣ କରି ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସହ ନୂତନ ପିଢ଼ିର ଆବଶ୍ୟକତାକୁ ଶିକ୍ଷା ବ୍ୟବସ୍ଥାରେ କାର୍ଯ୍ୟକାରୀ ହେବା ଆବଶ୍ୟକ ବୋଲି କହିଥିଲେ। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଡ ଶ୍ରୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ଡା ରାସେଶ୍ୱରୀ ପାଣିଗ୍ରାହୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ସୁଧାଂଶୁ ଶେଖର ରଥ, ମୁକ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଜୟନ୍ତ କର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇବାର ଦୁଇବର୍ଷରେ ୨୩ଟି ପାଠ୍ୟକ୍ରମରେ ପ୍ରାୟ ୫ ହଜାର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ଅପୂର୍ବ ସଫଳତା ହାସଲ କରିଥିବା ଉତ୍ସବରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ଇ-ଜ୍ଞାନଗାର ୱେବ୍‌ସାଇଟ୍ ଓ ଓଏସ୍‌ଓୟୁ ମୋବାଇଲ୍ ଆପ୍‌କୁ ଉଦ୍‌ଘାଟନ କରାଯାଇଥିଲା। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ପାଇଁ ଇଗ୍‌ନୋ ସହ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି। ଏହି ଚୁକ୍ତି ପରେ ଉଭୟ ଅନୁଷ୍ଠାନ ନିଜ ମଧ୍ୟରେ ପାଠ୍ୟପୁସ୍ତକର ଆଦାନ ପ୍ରଦାନ କରିପାରିବେ ବୋଲି ସୂଚନା ଦିଆଯାଇଥିଲା।